## ସଂକ୍ଷେପରେ

### ରାସ୍ତା ତଳକୁ ଖସିଲା ଗାଡ଼ି

ମାଧପୁର, ୭।୯- ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ଛକ ନିକଟରେ ଏକ ଅଗରବତୀ ବୋଝେଇ ମହିନ୍ଦ୍ରା ମାକ୍ସିମୋ ଗାଡ଼ି (ନଂ. ଓଡ଼ି ୧୩ ୭୬୨୨) ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡିଛି। ଦୁର୍ଘଟଣା ଯୋଗୁ ଗାଡ଼ିରେ ଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ହେଁ ଏହା ନ ଆସିବାରୁ ଆଠମଲ୍ଲିକ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଆହତଙ୍କୁ ଆଠମଲ୍ଲିକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ଓ ଆଠମଲ୍ଲିକ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ଫସଲ ନଷ୍ଟ କଲେ ବାର୍ହା

ଛେଣ୍ଡିପଦା, ୭।୯(ଡି.ଏନ.ଏ.)- ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଛେଣ୍ଡିପଦା ଜଙ୍ଗଲ, ମାଛକୁଟା ଜଙ୍ଗଲ, ସାପୋଇସାହି, ସାଲୁଇଖମଣ, କୁମ୍ଭାର ସାହି ଗ୍ରାମ ଇଲାକାରେ ୨ ଦିନ ହେଲା ବାର୍ହା ଉପଦ୍ରବ ଲାଗି ରହିଛି। ଜଙ୍ଗଲରୁ ରାତିରେ ଦଳବଦ୍ଧ ହୋଇ ବାର୍ହା ଗାଁ ନିକଟକୁ ଚାଲି ଆସି ବହୁ ଚାଷୀଙ୍କ ମକା ଏବଂ ବିଭିନ୍ନ ପ୍ରକାର ପନିପରିବା ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ନଳ ସାହୁ, ସୁବାସ ନାୟକ, ବସନ୍ତ ନାୟକ ପ୍ରମୁଖ ଚାଷୀଙ୍କ ପ୍ରାୟ ୬/୭ ଏକର ଜାଗାରେ ହୋଇଥିବା ମକା ଫସଲ ସହ ପନିପରିବା ଚାଷ ନଷ୍ଟ କରିଥିବା ଜଣାପଡିଛି। ଏଥିଯୋଗୁ ଚାଷୀମାନେ ଅତିଷ୍ଠ ହୋଇପଡିଛନ୍ତି। ତୁରନ୍ତ ଜଙ୍ଗଲ ବିଭାଗ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

### ଜଳିଗଲା ଗୁହାଳ, ଗାଈ ଜୀବନ୍ତ ଦଗ୍ଧ

ବଇଣ୍ଡା, ୭।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ଅଙ୍ଗପଡ଼ା ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ବିନୟ ବେହେରାଙ୍କ ୨ ବଖରା ଗୁହାଳ ଜଳିଯାଇଛି। ଏଥିରେ ଏକ ଗାଈ ଜୀବନ୍ତ ଦଗ୍ଧ ହୋଇ ଯାଇଥିବାବେଳେ ଆଉ ୨ ଗାଈ ଗୁରୁତର ହୋଇଛନ୍ତି। ଗୁରୁତର ଗାଈ ଦୁଇଟିଙ୍କ ଚିକିତ୍ସା କରଯାଉଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

### ତହସିଲଦାରଙ୍କ ଯୋଗଦାନ



ଛେଣ୍ଡିପଦା,୭।୯(ଡି.ଏନ.ଏ.)- ଛେଣ୍ଡିପଦା ତହସିଲଦାର ଭାବେ ଡାନିଏଲ ଏକ୍କା ବୁଧବାର ଯୋଗଦାନ କରିବା ସହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଜନସାଧାରଣଙ୍କ ଜମିଜମା ସଂକ୍ରାନ୍ତୀୟ ସମସ୍ତ ଆନୁସଙ୍ଗିକ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ଏହାସହ ତହସିଲ ଅଧୀନରେ ଅଧିକ ପରିମାଣର ରାଜସ୍ୱ ଆଦାୟ କରାଯିବା ଉପରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ନବ ନିଯୁକ୍ତ ତହସିଲଦାର ପୂର୍ବରୁ ଦେବଗଡ଼ ଜିଲା ରିଆମାଳ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ।

### ବଜ୍ରପାତରେ ମହିଳା ଆହତ

ମାଧପୁର, ୭।୯- ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତ ଭେଜିଡିହ ଗ୍ରାମର ଜଣେ ମହିଳା ବଜ୍ରପାତରେ ଆହତ ହୋଇ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ ଅଲେଖ ଭୋଇଙ୍କ ସ୍ତ୍ରୀ ସୁରଭି ଭୋଇ (୪୫)। ଗୁରୁବାର ସନ୍ଧ୍ୟାରେ ବଜ୍ରପାତ ଯୋଗୁ ସେ ଚେତାଶୂନ୍ୟ ହୋଇପଡିଥିଲେ।

### ସମ୍ବର ଶିକାରୀ ଗିରଫ

ବନ୍ତଳା, ୭।୯(ଡି.ଏନ.ଏ.)- ସାତକୋଶିଆ ଅଭୟାରଣ୍ୟ ପମ୍ପାସର ରେଞ୍ଜ ଅଞ୍ଚଳରୁ ସମ୍ବର ଶିକାର ଅଭିଯୋଗରେ ବନବିଭାଗ ୨ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପମ୍ପାସର ଗ୍ରାମର ଟୁଲୁ ଗଡନାୟକ (୨୫) ଓ ବିଭୀଷଣ ପଧାନ (୩୫)। ୨ ଜଣ ସମ୍ବର ଶିକାର କରି ମାଂସ ରାନ୍ଧୁଥିବା ଖବରପାଇ ବନ ବିଭାଗ ଚଢାଉ କରିଥିଲା। ଉଭୟଙ୍କଠାରୁ ରନ୍ଧାମାଂସ ଜବତ କରାଯାଇଛି। ବନ୍ତଳା ପ୍ରାଣୀ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ, ଗୋମିତ୍ର ରଞ୍ଜନ ସାହୁ ମୃତ ସମ୍ବରର ବ୍ୟବଚ୍ଛେଦ କରାଇଛନ୍ତି।

■ନାଲ୍‌କୋ କଲୋନୀରେ ପୁଣି ମାତିଲେ ଲୁଟେରା

# ଘରେ ପଶି କଲେ ଲୁଟ୍



ବରଁଅପାଳ, ୭।୯(ଡି.ଏନ.ଏ.)

ପୁଣି ନାଲ୍‌କୋ କଲୋନୀରେ ମାତିଲେ ଲୁଟେରା। ସ୍ପଷ୍ଟ ଦିବାଲୋକରେ ଅତି ସହଜରେ ଘରେ ପଶି ନେଇଗଲେ ସୁନାଗହଣା, ଟଙ୍କା। ଏଥର ଲୁଟ୍‌ର ଶିକାର

■କଲିଂବେଲ ମାରି କହିଲେ ପୁଅର କୋରିୟର ଆସିଛି

■ଛୁରି ଲଗାଇ ୯ ହଜାର, ସୁନା ଗହଣା ନେଇଗଲେ

ହୋଇଛନ୍ତି କ୍ୱାର୍ଟର୍ସ ନଂ. ବି ୧୦୯୮ରେ ରହୁଥିବା ଗୋଲାପ ଲେଙ୍କା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିଛି।

ଘଟଣାରୁ ଜଣାପଡିଛି, ସକାଳ ପ୍ରାୟ ୧୦ଟାରେ ଗିରିଶ ଲେଙ୍କା ନ ଥିବାବେଳେ ତାଙ୍କ ସ୍ତ୍ରୀ ଗୋଲାପ ଘରେ ଥିଲେ। ଦୁର୍ବୃତ୍ତମାନେ ଘର କଲିଂ ବେଲ୍ ମାରିଥିଲେ। ଗୋଲାପ କବାଟ ନ ଖୋଲିବାରୁ ତୁମ ପୁଅର କୋରିୟର ଆସିଛି, ଏହାକୁ ନେବାକୁ ଦୁର୍ବୃତ୍ତମାନେ ଗୋଲାପଙ୍କୁ କହିଥିଲେ। ସେ କବାଟ ଖୋଲିବା କ୍ଷଣି ୨ ଜଣ ଦୁର୍ବୃତ୍ତ ତାଙ୍କ ବେକରେ ଛୁରି ଲଗାଇ ଭୟଭୀତ କରିବା ସହ ଘରେ ଥିବା ନଗଦ ୯ ହଜାର ୫ ଶହ ଟଙ୍କା ଓ ସୁନା ଗହଣା ନେଇ ପଳାଇଥିଲେ। ତେବେ କଲୋନୀରେ ୨୪ ଘଣ୍ଟିଆ ସିକ୍ୟୁରିଟି କର୍ମଚାରୀ ଥିବା ସତ୍ତ୍ୱେ କ୍ରମାଗତ ଭାବେ ଏହି କଲୋନୀରୁ ଲୁଟ୍, ଡକାୟତି ବଢୁଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକଙ୍କ ଧନଜୀବନକୁ ସୁରକ୍ଷା ଦେବାରେ ପୋଲିସ ସମ୍ପୂର୍ଣ୍ଣ ଭାବେ ଫେଲ୍ ହୋଇଛି ବୋଲି କଲୋନୀବାସୀ ଅଭିଯୋଗ କରିଛନ୍ତି। ଗତ ଅଗଷ୍ଟରେ କଲୋନୀର ସୁରେନ୍ଦ୍ର ମଲିକଙ୍କ କ୍ୱାର୍ଟର୍ସ ଓ ଏପ୍ରିଲରେ ସପ୍ତାହରେ ସିରିଜ ଡକାୟତିରେ ଲକ୍ଷାଧିକ ଟଙ୍କା, ସୁନା ଗହଣା ଆଦି ଲଟ୍ ହୋଇଥିଲା। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ବଦଳରେ କେବଳ ମାମଲା ରୁଜୁ କରି ଚୁପ୍ ବସୁଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି।

## ପୃଥକ୍ ଦୁର୍ଘଟଣାରେ ୩ ଗୁରୁତର

ଛେଣ୍ଡିପଦା/ ବନ୍ତଳା,୭।୯ (ସ୍ୱ.ପ୍ର/ ଡି.ଏନ.ଏ.)

ଛେଣ୍ଡିପଦା ଥାନା ବାଗଡିଆ ତେଲଟାଙ୍କି ସମ୍ମୁଖରେ ଶୁକ୍ରବାର ଏକ ବାଇକକୁ ଅନ୍ୟ ଏକ ବାଇକ ପଛ ପଟୁ ଧକ୍କା ଦେବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବସନ୍ତପୁର ଗ୍ରାମର ଧନେଶ୍ୱର ସାହୁ। ଧନେଶ୍ୱର ଓ ତାଙ୍କ ସ୍ତ୍ରୀ ରୀନା ସାହୁ ବାଇକ ଯୋଗେ ବାଗଡିଆ ତେଲ ଟାଙ୍କିରେ ତେଲ ପକାଇବାକୁ ଯାଉଥିବାବେଳେ ଚଡେଇମରାରୁ ଛେଣ୍ଡିପଦା ଆସୁଥିବା ଶିବୁ ପ୍ରଧାନଙ୍କ ବାଇକ ପଛରୁ ଧକ୍କା ଦେଇଥିଲା। ଉଭୟଙ୍କୁ ସ୍ଥାନୀୟବାସୀ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଧନେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବନ୍ତଳା ଥାନା ସୀମାରେ ଥିବା ହିନ୍ଦୋଳ ଥାନା କଂସରା ଗ୍ରାମ ବୁଲାଣି ପୂର୍ତ୍ତବିଭାଗ ରାସ୍ତାରେ ଶୁକ୍ରବାର ଅପରାହ୍ନରେ ଏକ ସ୍କୁଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବନ୍ତଳା ଥାନା କନ୍ତମେଘ ଗ୍ରାମର ସୁଦାମ ବେହେରା ଓ ତଳଗଡ଼ ଗ୍ରାମର ଜଣେ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ବନ୍ତଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

■ନାଳ ପୋଲ ଉପରେ ଚାଲିଛି ପାଣି

# ସାନହୁଲା-କୁର୍ଣ୍ଣିବାସପୁର ବିଚ୍ଛିନ୍ନ



ବଇଣ୍ଡା,୭।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକର ବିଭିନ୍ନ ଅଞ୍ଚଳରେ ଲଘୁଚାପ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ୨ ଦିନ ଧରି ପ୍ରବଳ ବର୍ଷା ହେବା ଯୋଗୁ ନଈ, ନାଳ, କୂଅ, ପୋଖରୀ ସବୁ ଭର୍ତ୍ତି ହୋଇଯାଇଛି। ଅନେକ ସ୍ଥାନରେ ଗ୍ରାମ୍ୟ ମାଟି ରାସ୍ତାଗୁଡ଼ିକ କାଦୁଅ ପୂର୍ଣ୍ଣ ହୋଇଯାଇଥିବାବେଳେ ଅନେକ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସାନହୁଲା-କୁର୍ଣ୍ଣିବାସପୁର ରାସ୍ତାର ସାନହୁଲା ନାଳ ଉପରେ ପ୍ରାୟ ୨ ଫୁଟ୍‌ର ପାଣି ପ୍ରବାହିତ ହେଉଛି। ଏଥିଯୋଗୁ ଗୁରୁବାରଠାରୁ ସାନହୁଲା-କୁର୍ଣ୍ଣିବାସପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫଳରେ ଲୋକେ ୧୫ କିମି ଠାକୁରଗଡ଼ ଗ୍ରାମ ଦେଇ କୁର୍ଣ୍ଣିବାସପୁର ଅଞ୍ଚଳକୁ ଯାତାୟାତ କରୁଛନ୍ତି। ସାନହୁଲା ନାଳ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କିଛି ବର୍ଷ ତଳେ ପୋଲ ନିର୍ମାଣ କରାଯାଇଥିଲା। ଉକ୍ତ ପୋଲର ଉଚ୍ଚତା କମ୍ ଥିବାବେଳେ ପ୍ରତ୍ୟେକ ବର୍ଷ ଅଳ୍ପ ବର୍ଷା ହେଲେ ବି ଏହା ଉପରେ ପାଣି ବୋହୁଛି। ସେଠାରେ ଏକ ନୂତନ ପୋଲ ନିର୍ମାଣ କରିବା ପାଇଁ ସାନହୁଲା ଗ୍ରାମବାସୀ ବହୁବାର ସ୍ଥାନୀୟ ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ନାଳ ଉପରେ ଏକ ନୂତନ ପୋଲ ନିର୍ମାଣ କରିବା ପାଇଁ ସାନହୁଲା ଗ୍ରାମବାସୀ ଦାବି କରିଛନ୍ତି।

# ଡିକି ଭାଙ୍ଗି ନେଇଗଲେ ସାଢ଼େ ୩ ଲକ୍ଷ




ଲୁଟେରା ଟଙ୍କା ନେଇ ଯାଉଥିବାବେଳେ ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟ।

ଅନୁଗୋଳ ଅଫିସ, ୭।୯

ଅନୁଗୋଳରେ ପୁଣି ମାତିଲେ ଲୁଟେରା। ଶୁକ୍ରବାର ଥାନା ଠାରୁ ମାତ୍ର ୨ଶହ ମିଟର ଦୂରରୁ ହୋଇଛି ଲୁଟ୍। ଏକ ବାଇକ୍ ଡିକି ଭାଙ୍ଗି ଦୁଇ ଦୁର୍ବୃତ୍ତ ସାଢ଼େ ୩ ଲକ୍ଷ ଟଙ୍କା ଧରି ଚମ୍ପଟ ମାରିଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଶଙ୍କର ସିନେମା ରୋଡସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ଟଙ୍କା ଉଠାଇ ଅଜୟ ଶୁକ୍ଲା ତାଙ୍କ ବାଇକ୍ (ଓଆର୦୫ଜେଡଏଲ-୪୬୮୮) ଡିକିରେ ରଖିଥିଲେ। ପରେ ସେ କାଞ୍ଚନ ଟକିଜ ନିକଟକୁ ଗାଡ଼ି ପାର୍ଟ୍ସ କିଣିବାକୁ ଯାଇଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଅଜୟଙ୍କ ଗାଡ଼ି ଡିକି ଭାଙ୍ଗି ଟଙ୍କା ଧରି ଫେରାର ହୋଇଯାଇଥିଲେ। ପୋଲିସ ନଂ. ୬୧୫/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ନିଯୁକ୍ତି ଦାବିରେ ପରିବହନ ରାସ୍ତା ଅବରୋଧ

ତାଳଚେର,୭।୯(ନି.ପ୍ର.)

ନିଯୁକ୍ତି, କ୍ଷତିପୂରଣ ଓ ଥଇଥାନ ଦାବିରେ ଶୁକ୍ରବାର ତାଳଚେର ବ୍ଲକ ସୋଲଡା ଗ୍ରାମର ସୁନିତା ବେହେରା ଏବଂ ପୁଷ୍ପଲତା ବେହେରା ଗ୍ରାମ ନିକଟସ୍ଥ କୋଇଲା ପରିବହନ ରାସ୍ତା ଅବରୋଧ କରିଥିଲେ। ଫଳରେ ବଳରାମ ଓ ହିଙ୍ଗୁଳା ଖଣିରୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ଅଭିଯୋଗ ଅନୁଯାୟୀ, ୧୯୮୫ରେ ଓ ୨୦୦୪ରେ ସେମାନଙ୍କ ୧.୨୦ ଏକର ଜମି ଅଧିଗ୍ରହଣ ହୋଇଥିଲା। ଅପ୍‌ଗ୍ରେଡେଶନ ଭିତ୍ତିରେ ଗ୍ରାମର ୮୬୨ ଜଣଙ୍କୁ ଚାକିରି ମିଳିଲା। କିନ୍ତୁ ସୁନିତା ଓ ପୁଷ୍ପଲତାଙ୍କୁ ନିଯୁକ୍ତି ଦିଆଗଲା ନାହିଁ। ବିଭିନ୍ନ ଫୋରମରେ ଏହି କ୍ଷତିଗ୍ରସ୍ତ ପରିବାର ଆପତ୍ତି, ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ତେଣୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସକାଳୁ ସୁନିତା ଓ ପୁଷ୍ପଲତା ରାସ୍ତା ଅବରୋଧ କରିଥିଲେ। ଅପରାହ୍ନରେ ପୋଲିସ ଉଭୟଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ବିଭିନ୍ନ ସମସ୍ୟା ନେଇ ଉପଜିଲାପାଳଙ୍କୁ ଦାବିପତ୍ର



ତାଳଚେର,୭।୯(ନି.ପ୍ର.)

ତାଳଚେରର ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତାଳଚେର ବ୍ଲକର ପୂର୍ବତନ ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ସାହୁ, ଦିଗାମ୍ବର ଗଡ଼ନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ଜିଲାପରିଷଦ ସଦସ୍ୟ ଶାନ୍ତିଲତା ଗଡନାୟକ, ପୂର୍ବତନ ସରପଞ୍ଚ ବାସନ୍ତୀ ନାଥ, ବିଚ୍ଛନ୍ଦ ସାମଲ, ଗିତିମୟ ରଥ, ଆଇନଜୀବୀ ଜ୍ଞାନ ରଞ୍ଜନ ପାଣି, ମାନସ ବାଇ, ଯୁବ ନେତା ଭୂପେନ୍ ଥମ୍ବ, ଜିତେନ୍ ପଣ୍ଡା, ଦୁଃଶାସନ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜକିଶୋର ସାହୁ ଉପଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ସେଥିରେ ଉଲ୍ଲେଖ କରାଯାଇଛି ଯେ, ତାଳଚେର ଅଞ୍ଚଳରେ ଏମ୍‌ସିଏଲ୍, ଏନ୍‌ଟିପିସି, ଟିଟିପିଏସ୍ ଭଳି ବହୁ ସଂସ୍ଥା ଗଢି ଉଠିଛି। ଏଠାରୁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। କିନ୍ତୁ ଏଠାକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସୁରକ୍ଷା, ବେକାରି ଓ ପ୍ରଦୂଷଣ ସମସ୍ୟାର ସମାଧାନ କ୍ଷେତ୍ରରେ ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ କମ୍ପାନୀଗୁଡିକରେ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ମିଳୁଥିବା ବେଳେ ସ୍ଥାନୀୟ ବେକାରମାନଙ୍କୁ ଉପେକ୍ଷା କରାଯାଉଛି। ଜିଲା ଖଣିଜ ପାଣ୍ଠି ଓ ସାମାଜିକ ଦାୟିତ୍ୱବୋଧ ପାଣ୍ଠିକୁ ତାଳଚେର ବାହାର ଅଞ୍ଚଳରେ ଖର୍ଚ୍ଚ କରାଯାଉଛି। ତୁରନ୍ତ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

■ଉପଜିଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ

# ୩ ଦିନ ହେଲା ପାଠପଢା ବନ୍ଦ

ବଇଣ୍ଡା, ୭।୯(ଡି.ଏନ.ଏ.)

ବ୍ଲକଗ୍ରାଣ୍ଟ ଶିକ୍ଷକ ସଂଘର ଆନ୍ଦୋଳନକୁ ସମର୍ଥନ ଜଣାଇ ଆଠମଲ୍ଲିକ ବ୍ଲକର ବିଭିନ୍ନ ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ପାଠ ପଢାଇବାକୁ ଯାଉନାହାନ୍ତି। ଏଥିଯୋଗୁ ବିଦ୍ୟାଳୟରେ ତାଲା ଝୁଲୁଛି। ବ୍ଲକର ମଇମୁରା ପଞ୍ଚାୟତରେ ଥିବା ମଇମୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ବୁଧବାରଠାରୁ ତାଲା ପକାଯାଇଥିବା ଯୋଗୁ ୩ ଦିନ ହେଲା ସେଠାରେ ପାଠପଢା ବନ୍ଦ ରହିଛି। ଶିକ୍ଷକଙ୍କ ମନମୁଖି କାମ ଯୋଗୁ ଏପରି ହେଉଥିବା ମଇମୁରା ଗ୍ରାମବାସୀ ଶୁକ୍ରବାର ଆଠମଲ୍ଲିକ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରର ଏକ ନକଲ ଅନୁଗୋଳ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ଭୁବନେଶ୍ୱରଠାରେ ଆନ୍ଦୋଳନ କରୁଛନ୍ତି। ସେମାନଙ୍କୁ ମଇମୁରା ହାଇସ୍କୁଲର ଶିକ୍ଷକମାନେ ସମର୍ଥନ କରି ବୁଧବାରଠାରୁ ସ୍କୁଲ ଆସୁ ନାହାନ୍ତି। ଫଳରେ ଶିକ୍ଷା କମିଟି ବିଦ୍ୟାଳୟରେ ତାଲା ପକାଇ ଦେଇଛି। ଫଳରେ ୮ମରୁ ୧୦ମ ଶ୍ରେଣୀ ୧୧୦ ଜଣ ଛାତ୍ରୀଛାତ୍ରଙ୍କ ପାଠପଢା ଠପ ହୋଇଯାଇଛି। ୪ରୁ ୫ କିମି ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ପାଠପଢିବା ପାଇଁ ଆସି ଘରକୁ ଫେରିଯାଉଛନ୍ତି। ତୁରନ୍ତ ବିଦ୍ୟାଳୟ ଖୋଲା ନ ଗଲେ ଶିକ୍ଷକମାନଙ୍କୁ ବିଦ୍ୟାଳୟକୁ ପ୍ରବେଶ କରାଇ ଦିଆ ନ ଯିବା ସହ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ସତ୍ୟାନନ୍ଦ ରାଉତ, ବିଭୂତି ପ୍ରଧାନ, ଭୁବନ ପ୍ରଧାନ, କୈଳାସ ଚନ୍ଦ୍ର ସିଠ, ଇନ୍ଦ୍ରମଣି ପ୍ରଧାନ, ମହେଶ୍ୱର ଦେହୁରୀ ପ୍ରମୁଖ ଚେତାବନୀ ଦେଇଛନ୍ତି।



# ଏସ୍‌ପି ଅଫିସ ଘେରିଲେ ଶ୍ରମିକ ସଂଘ




ଅନୁଗୋଳ ଅଫିସ, ୭।୯

ତାଳଚେର କଲିୟାରୀ ଥାନା ଓ ଏଫ୍‌ସିଆଇ ଥାନା ଅଞ୍ଚଳରେ ଲୁଟେରାଙ୍କ ଆତଙ୍କ ଥମୁ ନ ଥିବାବେଳେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ କରି ଶୁକ୍ରବାର ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବିଭିନ୍ନ ଶ୍ରମିକ ସଂଘ ଏହି ଘେରାଉ କରିବା ସହ ପରିସ୍ଥିତି ସୁଧାରିବା ଦାବିରେ ଏକ ଦାବିପତ୍ର ଏସ୍‌ପିଙ୍କ ପ୍ରତିନିଧି ଭାବେ ଅନୁଗୋଳ ଏସ୍‌ଡିପିଓ ହରିହର ପାଣିଙ୍କୁ ପ୍ରଦାନ କରାଯାଇଛି।

ତାଳଚେର ଅଞ୍ଚଳରୁ କ୍ରମାଗତ ଭାବେ ଚୋରି, ଲୁଟ୍ ହେଉଥିଲେ ହେଁ ପୋଲିସ ହାତବାନ୍ଧି ବସିଛି। ଫଳରେ ଲୋକେ ଧନଜୀବନ ସୁରକ୍ଷା ଚିନ୍ତାରେ ରହୁଛନ୍ତି। ଏପରିକି ଅସାମାଜିକ ବ୍ୟକ୍ତିଙ୍କ ଯୋଗୁ ରାସ୍ତାରେ ଯିବା ମଧ୍ୟ ଅସୁରକ୍ଷିତ ହୋଇପଡିଥିବା ଟିକେକେଏମ୍‌ଏସ ଶ୍ରମିକ ସଂଗଠନ ସମ୍ପାଦକ ପ୍ରତ୍ୟୁଷ କୁମାର ସାମନ୍ତ ଅଭିଯୋଗ କରିଛନ୍ତି। ସେହିପରି ଆବାସିକ କଲୋନୀ ମଧ୍ୟରେ ଥିବା ଲାଇସେନ୍ସ ପ୍ରାପ୍ତ ମଦଦୋକାନକୁ ତୁରନ୍ତ ସେଠାରୁ ସ୍ଥାନାନ୍ତର କରିବା ସହ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିବାକୁ ମଧ୍ୟ ଦାବି ହୋଇଛି। ଶ୍ରମିକ ସଂଘ ଟିକେକେଏମ୍‌ଏସ୍(ବିଏମ୍‌ଏସ୍), ଓସିଏମ୍‌ଏସ୍(ଆଇଏନ୍‌ଟିୟୁସି) ଓ ଜେସିଏଲୟୁ(ଏଚଏମ୍‌ଏସ୍) ଆଦି ଶ୍ରମିକ ସଂଘ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ତାଳଚେରରୁ ସଂଘ ସଦସ୍ୟ ଓ ସାଉଥ ବଲଣ୍ଡା, ଜଗନ୍ନାଥ କଲୋନୀ, କେନ୍ଦ୍ରୀୟ କର୍ମଶାଳା କଲୋନୀ ଓ ସେଣ୍ଟ୍ରାଲ କଲୋନୀର ଲୋକେ ବାଇକ ଶୋଭାଯାତ୍ରାରେ ବାହାରି ଏସ୍‌ପିଙ୍କ ଅଫିସଠାରେ ପହଞ୍ଚି ଘେରାଉ କରିଥିଲେ। ଏହି ଶୋଭାଯାତ୍ରାରେ ସାଉଥ ବଲଣ୍ଡା, ଜଗନ୍ନାଥ କଲୋନୀ, କେନ୍ଦ୍ରିୟ କର୍ମଶାଳା କଲୋନୀ ଓ ସେଣ୍ଟ୍ରାଲ କଲୋନିର ଲୋକମାନେ ଉପସ୍ଥିତ ଥିଲେ।

## ଠିକାଶ୍ରମିକଙ୍କ ଧର୍ମଘଟ ସ୍ଥଗିତ

କଣିହାଁ,୭।୯(ଡି.ଏନ.ଏ.)

କଣିହାଁ ବ୍ଲକ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର ଉଦ୍ୟାନ ବିଭାଗରେ କାର୍ଯ୍ୟରତ ଠିକା ଶ୍ରମିକମାନେ ଅଗଷ୍ଟ ୨୭ରୁ ବିଭିନ୍ନ ଦାବିକୁ ନେଇ ପ୍ରକଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ ଚଲାଇଥିବା ଅନଶନ ଧର୍ମଘଟ ଶୁକ୍ରବାର ସ୍ଥଗିତ ରହିଛି। ଅପରାହ୍ନରେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ପରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ସନ୍ଧ୍ୟାରେ ଧର୍ମଘଟ ସ୍ଥଗିତ ରଖାଯାଇଛି। ଆଲୋଚନାରେ ଭାଗ ନେଇଥିବା ଶ୍ରମିକ ନେତା ଜୟସେନ ମେହେର, ପ୍ରହ୍ଲାଦ ସାହୁ, ଏନ୍‌ଟିପିସି ଥାନା ଅଧିକାରୀ ଶୋଭା ପଟ୍ଟନାୟକଙ୍କ କହିଛନ୍ତି, ଏନ୍‌ଟିପିସି ମ୍ୟାନେଜମେଣ୍ଟ ଅଧିକାରୀ, ଠିକାସଂସ୍ଥା ଅଧିକାରୀ ଓ ଆନ୍ଦୋଳନକାରୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ନ୍ୟାଯ୍ୟ ଦାବି ୨ ମାସ ମଧ୍ୟରେ ପୂରଣ କରାଯିବାକୁ ପ୍ରତିଶ୍ରୁତି ମିଳିଛି। ଏହା କାର୍ଯ୍ୟକାରୀ ନ ହେଲେ ପୁନଃ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୩୮୨୨, କାମାକ୍ଷାନଗର-୯୪୩୭୩୬୦୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୬୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବରଁଅପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ଆଜି କ'ଣ କେଉଁଠି

### ଢେଙ୍କାନାଳ

▶ରାଷ୍ଟ୍ରୀୟ ଲୋକ ଅଦାଲତ
ସ୍ଥାନ: ସିଭିଲ କୋର୍ଟ ପରିସର
ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

### ଭାପୁର

▶୮୯ତମ ଦେବେନ୍ଦ୍ର ଶତପଥୀ ଜୟନ୍ତୀ ସମାରୋହ
ସ୍ଥାନ: ଦେବେନ୍ଦ୍ର ଶତପଥୀ ସ୍ମାରକୀ ମହାବିଦ୍ୟାଳୟ
ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ୧୦ରେ ହିନ୍ଦୋଳ ଜନଶୁଣାଣି ଶିବିର

**ଢେଙ୍କାନାଳ ଅଫିସ, ୭।୯**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟରେ ୧୦ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତି ରହି ଲୋକଙ୍କ ସମସ୍ୟା ଶୁଣିବେ। ଆବଶ୍ୟକସ୍ଥଳେ ଏହାର ପ୍ରତିକାର ବ୍ୟବସ୍ଥା ମଧ କରିବେ। ଅଞ୍ଚଳବାସୀ ଶିବିରରେ ଉପସ୍ଥିତ ରହି ଆପତ୍ତି, ଅଭିଯୋଗ ଜଣାଇବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

### କଲମ ଛାଡ଼ିଲେ ପିଇଓ

**କାମାକ୍ଷାନଗର, ୭।୯(ଡି.ଏନ.ଏ.)**

ରାସୋଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ବସନ୍ତ କୁମାର ବେହେରାଙ୍କୁ ବ୍ଲକ ଅଧକ୍ଷ ମାଡ଼ ମାରିବା ଅଭିଯୋଗ ଆସିବା ପରେ ଆନ୍ଦୋଳନକୁ ଓହ୍ଲାଇଛି ଜିଲା ପିଇଓ ସଂଘ। ଶୁକ୍ରବାର କାମାକ୍ଷାନଗର ବ୍ଲକରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ କଲମ ଛାଡ଼ ଆନ୍ଦୋଳନ ଡାକରା ଦେଇ ଧାରଣାରେ ବସିଥିଲେ। ଅଗଷ୍ଟ ୩୦ରେ ପିଇଓ ବସନ୍ତ ବେହେରାଙ୍କୁ ବ୍ଲକ ଅଧକ୍ଷ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ସେ ଜିଲାପାଳ, ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିବା ବ୍ଲକ ସଭାପତି ଅଭିମନ୍ୟୁ ତରାଇ ସୂଚନା ଦେଇଛନ୍ତି। ନବକିଶୋର ମିଶ୍ର, ମାଧବ ଚନ୍ଦ୍ର ପ୍ରଧାନ, ଅଭିମନ୍ୟୁ ରାଉଳ, ରୁଦ୍ରନାରାୟଣ ପଣ୍ଡା, ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ବହୁ ପିଇଓ ଏଥିରେ ସାମିଲ ହୋଇଥିଲେ।

### ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

**ଭୁବନ, ୭।୯(ଡି.ଏନ.ଏ.)**

ଭୁବନ ଏନ୍‌ଏସି ଅଧୀନ ରାଉତ ସାହିରେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି ଠିକା ସଂସ୍ଥା କର୍ମଚାରୀ ଅଜିତ କୁମାର ଦାସ (୨୬)। ଗୁରୁତର ଅବସ୍ଥାରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେ ବିପଦମୁକ୍ତ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଅଜିତଙ୍କ କହିବା ଅନୁଯାୟୀ, ବିଦ୍ୟୁତ୍ କାଟ କରି ସେ ଖୁଣ୍ଟରେ ଚଢ଼ି ଏଲ୍‌ଇଡି ଲାଇଟ୍ ଲଗାଉଥିଲେ। ହେଲେ ରିଟର୍ନ କରେଣ୍ଟ ଆସିଯିବାରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଏଲ୍‌ଇଡି ଲାଇଟ୍ ଲଗାଇବା ଦାୟିତ୍ୱରେ ଥିବା ଠିକାସଂସ୍ଥା ବିନା ସୁରକ୍ଷା ଉପକରଣରେ କର୍ମଚାରୀଙ୍କୁ କାମରେ ଲଗାଉଛି। ଫଳରେ ଏପରି ଦୁର୍ଘଟଣା ଘଟିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ୯ରେ ଜିଲା କନଷ୍ଟେବଲ ପରୀକ୍ଷା

**ଅନୁଗୋଳ ଅଫିସ, ୭।୯**

ଅନୁଗୋଳ ଜିଲା ପୋଲିସର କନଷ୍ଟେବଲ ନିଯୁକ୍ତି ପାଇଁ ଆସନ୍ତା ୯ ତାରିଖ (ରବିବାର) ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀଙ୍କ ମଧ୍ୟରେ ଲିଖିତ ପରୀକ୍ଷା କିପରି ଭାବେ ଆୟୋଜନ କରାଯିବ ସେ ନେଇ ଶନିବାର ବିସ୍ତୃତ ଭାବେ ଆଲୋଚନା କରାଯିବ ବୋଲି ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। କଲେଜର ୫ଟି ଗୃହରେ ଆୟୋଜିତ ହେବାକୁ ଥିବା ଏହି ପରୀକ୍ଷାକୁ ମହାବିଦ୍ୟାଳୟର ଅଧାପିକା ଓ ଅଧାପକମାନେ ପରିଚାଳନା କରିବେ। ସୂଚନାଯୋଗ୍ୟ, ଜିଲା ପୋଲିସ କନଷ୍ଟେବଲ ପରୀକ୍ଷା ପାଇଁ ୨୧ଟି ପଦବୀ ଥିବାବେଳେ ୧୪୭ ଜଣ ପ୍ରାର୍ଥୀ ପରୀକ୍ଷା ଦେବେ। ଏହା ପୂର୍ବରୁ ଆବେଦନକାରୀଙ୍କ ଶାରିରୀକ ଓ ମେଡ଼ିକାଲ ପରୀକ୍ଷା ଶେଷ ହୋଇଛି।

### ଗଣ୍ଡଗୋଳରେ ଜଣେ ଆହତ

**ବଣ୍ଟାଁରପାଳ, ୭।୯(ଡି.ଏନ.ଏ.)**

ନାଲ୍‌କୋ ଥାନା ଅନ୍ତର୍ଗତ ବଳରାମପ୍ରସାଦ ବସଲାସାହି ନିକଟରେ ଶୁକ୍ରବାର ରାତିରେ ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ଆହତଙ୍କୁ ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଗୋଡ଼ିପାଟଣା ସ୍ତବ୍ଧ

**ଭୁବନ, ୭।୯(ଡି.ଏନ୍.ଏ.)**

ଭୁବନ ଏନ୍‌ଏସି ୩ନଂ. ୱାର୍ଡ ଗୋଡିପାଟଣାବାସୀଙ୍କ ପାଇଁ ଶୁକ୍ରବାର ଛାଡ଼ିଯାଇଛି ଅଲିଭା କ୍ଷତ। ଗ୍ୟାସ୍ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟି ନୀରବି ଯାଇଛି ଦୁଇ ଜୀବନ। ସକାଳୁ ସକାଳୁ ଘଟିଥିବା ଏପରି ଅବିଶ୍ୱସନୀୟ ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଅଞ୍ଚଳବାସୀ। କହିବାକୁ ଗଲେ ସ୍ତବ୍ଧ ହୋଇଯାଇଛି ଗୋଡ଼ିପାଟଣା।

ସବୁଦିନ ପରି ଶୁକ୍ରବାର ବି ଚଳଚଞ୍ଚଳ ହୋଇ ଉଠିଥିଲା ଗୋଡ଼ିପାଟଣା। କିଏ ନିତ୍ୟ କର୍ମରେ ବ୍ୟସ୍ତ ଥିଲା ତ ଆଉ କିଏ କର୍ମକ୍ଷେତ୍ରକୁ ଯିବାକୁ ହେଉଥିଲା ସଜବାଜ। ଏହି ସମୟରେ ଦୁର୍ଯ୍ୟୋଧନ ପୋଥାଳଙ୍କ ଘରେ ଘଟିଲା ଅଗ୍ନିକାଣ୍ଡ। ଚିତ୍କାର ଶୁଣି ରୁଣ୍ଡ ହୋଇଯାଇଥିଲେ ଅଞ୍ଚଳବାସୀ। ହେଲେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହେବା ଆଶଙ୍କାରେ କେହି ଘର ଭିତରକୁ ଯିବାକୁ ସାହସ ଜୁଟାଇପାରି ନ ଥିଲେ। ଚାହୁଁ ଚାହୁଁ ସାରା ଘରକୁ ବ୍ୟାପି ଯାଇଥିଲା ନିଆଁ। ଘଟଣାସ୍ଥଳରେ ଜଳି ଯାଇଥିଲେ ଦୁର୍ଯ୍ୟୋଧନଙ୍କ ଝିଅ ଜ୍ୟୋତ୍ସ୍ନାମୟୀ ଏବଂ ସ୍ତ୍ରୀ ମମତା। ଝିଅ ଏବଂ ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ହୋଇଥିବା ଦୁର୍ଯ୍ୟୋଧନଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ପାଖ ପଡ଼ୋଶୀ। ପୋଲିସ ଉପସ୍ଥିତିରେ ଜଳି ଯାଇଥିବା ମୃତଦେହ ଘର ଭିତରୁ ବାହାର କରାଯାଉଥିବାବେଳେ ସମସ୍ତଙ୍କ ଲୁହ ଭିଜା ଆଖି ପାଲଟିଥିଲା ଏଭଳି ହୃଦୟ ବିଦାରକ ଘଟଣାର ମୁକସାକ୍ଷୀ। ଅପରପକ୍ଷେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଗ୍ରାମ ଶ୍ମଶାନରେ ଜଳିଛି ମା' ଝିଅଙ୍କ ଚିତା। ଏହାକୁ ନେଇ ସମଗ୍ର ଅଞ୍ଚଳରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ।



## ଘର ବାହାରେ ଥିବାରୁ ବର୍ତ୍ତିଗଲେ ପୁଅ



ବୃଦ୍ଧା ମା, ସ୍ତ୍ରୀ ମମତା, ଝିଅ ଜ୍ୟୋସ୍ନାମୟୀ ଏବଂ ପୁଅ ଶିବାନନ୍ଦଙ୍କୁ ନେଇ ଦୁର୍ଯ୍ୟୋଧନଙ୍କ ପରିବାର। କୁଲ୍‌ଫି ବ୍ୟବସାୟୀ ଦୁର୍ଯ୍ୟୋଧନ ପିଲାମାନଙ୍କୁ କୌଣସି କ୍ଷେତ୍ରରେ ଊଣା କରି ନ ଥିଲେ। ବେଶ୍ ହସଖୁସିରେ କଟୁଥିଲା ଦିନ। ଝିଅ ଜ୍ୟୋସ୍ନାମୟୀ ସ୍ଥାନୀୟ ବାଳିକା ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ଶିବାନନ୍ଦ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ଲଘୁଚାପ ବର୍ଷା ଯୋଗୁ ଶୁକ୍ରବାର ସ୍କୁଲ ଛୁଟି ଥିବାରୁ ଦିନଟି ସାଙ୍ଗସାଥୀଙ୍କ ସହ କାଟିବାକୁ ଯୋଜନା କରିଥିଲେ ଜ୍ୟୋସ୍ନାମୟୀ। ଏଥିପୂର୍ବରୁ ଟିୟୁଶନ ଯିବାକୁ ପ୍ରସ୍ତୁତ ହେଉଥିଲେ। ସକାଳୁ ବାପା ଶୌଚ ହେବାକୁ ଯାଇଥିବାବେଳେ ସେ ଚା' କରିବାକୁ ପଶିଥିଲେ ରୋଷେଇ ଘରେ। ହେଲେ ଜାଣି ନ ଥିଲେ ସେଠାରେ ମୃତ୍ୟୁ ତାଙ୍କୁ ଅପେକ୍ଷା କରିଛି। ଶିବାନନ୍ଦ ଘର ବାହାରକୁ ଯାଇଥିବାରୁ ସେ ବର୍ତ୍ତିଯାଇଥିବା ପଡ଼ୋଶୀ କହିଛନ୍ତି।

## ଠାକୁରଙ୍କ ପାଖରେ ଲାଗିପାରିଲାନି ଫୁଲ



ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଈଶ୍ୱର ବିଶ୍ୱାସୀ। ପ୍ରତିଦିନ ଭୋର୍‌ରୁ ସେ ଦାଣ୍ଡ ଝାଡୁ କରିବା ସହ ଠାକୁରଙ୍କ ପାଇଁ ଫୁଲ ତୋଳିଥାନ୍ତି। ଶୁକ୍ରବାର ସକାଳେ ମଧ ସେ ଫୁଲ ତୋଳିବାକୁ ଘର ବାହାରକୁ ଯାଇଥିଲେ। ହଠାତ୍ ରୋଷେଇ ଘରେ ନିଆଁ ଦେଖି ସେ ଧାଇଁ ଆସିଥିଲେ। ଜଳିଯାଉଥିବା ଝିଅକୁ ବଞ୍ଚାଇବାକୁ ଯାଇ ଜାବୁଡ଼ି ଧରିଥିଲେ। ଫଳରେ ତାଙ୍କ ଦେହରେ ମଧ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ଉଭୟେ ଅଳ୍ପ ସମୟ ମଧରେ ଜଳିଯାଇଥିଲେ। ତୋଳାଯାଇଥିବା ଫୁଲ ଲାଗି ହୋଇପାରି ନ ଥିଲା ଠାକୁରଙ୍କ ପାଖରେ।

### ଅଗଷ୍ଟ ୨୫ରେ ଆସିଥିଲା ଗ୍ୟାସ୍ ସିଲିଣ୍ଡର

ସରକାରଙ୍କ ଉଜ୍ଜ୍ୱଳା ଯୋଜନାରେ ସାମିଲ ହୋଇଥିଲେ ଦୁର୍ଯ୍ୟୋଧନଙ୍କ ପରିବାର। ୨୦୧୭ ଜୁଲାଇ ୪ରେ ତାଙ୍କୁ ମିଳିଥିଲା ଗ୍ୟାସ୍ ସଂଯୋଗ। ଗ୍ୟାସ୍ ସରିଯିବା ପରେ ଅଗଷ୍ଟ ୨୫ରେ ଘରକୁ ଆସିଥିଲା ନୂଆ ଗ୍ୟାସ୍ ସିଲିଣ୍ଡର। ହେଲେ ଅସାବଧାନତାରୁ ଗ୍ୟାସ୍ ଲିକ୍ ହୋଇ ଘଟିଗଲା ବଡ଼ ଧରଣର ଦୁର୍ଘଟଣା। ଚାଲିଗଲା ପରିବାରର ଦୁଇଜଣଙ୍କ ଜୀବନ। ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଦୁର୍ଯ୍ୟୋଧନ। ଅନ୍ୟପଟେ ବୋହୂ ଏବଂ ନାତୁଣୀଙ୍କୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି ଦୁର୍ଯ୍ୟୋଧନଙ୍କ ମା'।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



→ @ ଜଗଦୀଶ



→ @ କ୍ଷୀରୋଦ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

■ଢେଙ୍କାନାଳ ରେଳଷ୍ଟେଶନ ବୁଲି ଦେଖିଲେ ଏଡିଆର୍‌ଏମ୍

# ଯାତ୍ରୀ ସୁରକ୍ଷାକୁ ପ୍ରାଥମିକତା

**ଢେଙ୍କାନାଳ ଅଫିସ, ୭।୯**

ଖୋର୍ଦ୍ଧାରୋଡ୍ ଅତିରିକ୍ତ ଡିଭିଜନାଲ ରେଲୱେ ମ୍ୟାନେଜର (ଏଡିଆର୍‌ଏମ୍) ସତ୍ୟେନ୍ଦ୍ର ପ୍ରସାଦ ଦ୍ୱିବେଦୀ ଶୁକ୍ରବାର ଢେଙ୍କାନାଳ ରେଳଷ୍ଟେଶନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଷ୍ଟେଶନ ପରିସରରେ ଯାତ୍ରୀ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ।

ଏ ସମ୍ପର୍କରେ ସୂଚନା ଦେଇ ଏଡିଆର୍‌ଏମ୍ କୁହନ୍ତି, ରେଳଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଷ୍ଟେଶନର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ଷ୍ଟେଶନର ଅନ୍ୟ ସମସ୍ୟାର ସମାଧାନ କରାଯିବ। ଏଡିଆର୍‌ଏମ୍‌ଙ୍କ ସହ ଆସିଥିବା ପ୍ରତିନିଧି ଦଳରେ ସୁରକ୍ଷା ଅଧିକାରୀ ଗଣେଶ ଚନ୍ଦ୍ର ନାୟକ, ଅପରେଶନ ଅଧିକାରୀ ସୋମନାଥ ସାହୁ, ଡିଭିଜନାଲ କମର୍ସିଆଲ ମ୍ୟାନେଜର ଦୁର୍ଗାପ୍ରସାଦ ଜେନା ପ୍ରମୁଖ ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି। ଦୈନିକ ପାସେଞ୍ଜର ସଂଘର ସମ୍ପାଦକ ବଦ୍ରି ନାରାୟଣ ମିଶ୍ର ଯାତ୍ରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏଡିଆଇଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେମୁ ଟ୍ରେନରେ ଯାତ୍ରୀଙ୍କ ବସିବାକୁ ଜାଗା ହେଉନାହିଁ। ଏହାକୁ ନେଇ ସମସ୍ୟା ଉପୁଜୁଛି। ସେହିପରି ଷ୍ଟେଶନରେ ପାନୀୟ ଜଳର ଅବ୍ୟବସ୍ଥା ଲାଗି ରହିଛି। ୧ ଏବଂ ୨ ନଂ. ପ୍ଲାଟ୍‌ଫର୍ମର ଶେଡ୍ ଭାଙ୍ଗିରୁଜି ଯାଇଛି। ପ୍ଲାଟ୍‌ଫର୍ମରେ ପାଣି ଗଳୁଛି। ଫୁଟ୍ ଓଭରବ୍ରିଜ୍‌ରେ ଦିବ୍ୟାଙ୍ଗମାନେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏସବୁ ସମସ୍ୟାର ସମାଧାନ କରାଯିବ ବୋଲି ଏଡିଆରଏମ୍ ପ୍ରତିଶ୍ରୁତି ଦେଇଛନ୍ତି। ଷ୍ଟେଶନ ମ୍ୟାନେଜର ଉପସ୍ଥିତ ଥିଲେ।



ରେଳଷ୍ଟେଶନ ପରିସରରେ ଏଡିଆର୍‌ଏମ୍‌ଙ୍କ ସମେତ ଅନ୍ୟମାନେ।

■ଯୌତୁକ ନିର୍ଯାତନା ମାମଲା

# ସ୍ୱାମୀଙ୍କ ସମେତ ୪ଜଣଙ୍କୁ ଜେଲଦଣ୍ଡ

**ଢେଙ୍କାନାଳ ଅଫିସ, ୭।୯**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ରାଣୀବଣିଆ ଗ୍ରାମର ମାଳତି ସାହୁ ଯୌତୁକ ନିର୍ଯାତନା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ମହିଳା ଅଦାଲତ ବିଚାରପତି ଗୀତାଞ୍ଜଳି ନନ୍ଦ ମହିଳାଙ୍କ ସ୍ୱାମୀ ପ୍ରଦୀପ ସାହୁ, ଶ୍ୱଶୁର ବୀରବର ସାହୁ, ଶାଶୁ ବିଳାସ ସାହୁ ଏବଂ ନଣନ୍ଦ କୁମାରୀ ଡଲିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦେଢ଼ବର୍ଷ ଲେଖାଏ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୬ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅନାଦୟେ ଅଧିକ ମାସେ ଜେଲଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁଶାନ୍ତ ହୋତା, ଲକ୍ଷ୍ମୀଧର ପଣ୍ଡା, ଅଦ୍ୱୈତ ବାରିକ ମାମଲା ପରିଚାଳନା କରିଥିଲେ।

୨୦୦୨ରେ ମାଳତିଙ୍କ ବିବାହ ତଳବାଘଲୁଣ୍ଡା ଗ୍ରାମର ପ୍ରଦୀପ ସହ ବୈଦିକ ରୀତିରେ ହୋଇଥିଲା। ବିବାହ ସମୟରେ କନ୍ୟା ଘର ପକ୍ଷରୁ ୧୦ହଜାର ଟଙ୍କା ଯୌତୁକ ଦିଆଯାଇଥିଲା। ହେଲେ ୫ମାସ ପରେ ଅଧିକ ୧୦ ହଜାର ଟଙ୍କା ଦାବିକରି ଶାଶୁଘର ଲୋକେ ମାଳତିଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। କଷ୍ଟ ସହି ନ ପାରି ସେ ବାପ ଘରକୁ ଚାଲି ଆସିଥିଲେ। ମାଳତି ମୋଟଙ୍ଗା ଥାନାରେ ଅଭିଯୋଗ କରିଥିବାବେଳେ ପୋଲିସ ଅଭିଯୋଗପତ୍ର ରଖି ନ ଥିଲା। ଏହାପରେ ସେ ଏସ୍‌ଡିଜେଏମ୍ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ନଂ. ୯୩/୨୦୦୨ରେ ମାମଲା ରୁଜୁ କରିଥିଲା। ଏହାର ଜିଆର୍ ନଂ.୫୭୧/୨୦୦୨ର ବିଚାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି।

# ୧୦ରୁ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର କାର୍ଯ୍ୟବନ୍ଦ




ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୭।୯**

ଦାବିପୂରଣରେ ସରକାରୀ ଉଦାସୀନତା ପ୍ରତିବାଦରେ ଆନ୍ଦୋଳନ ଡାକରା ଦେଇଛି ସ୍ୱାସ୍ଥ୍ୟମିଶନ ପରିଚାଳନା କର୍ମଚାରୀ ସଂଘ। ଏହାକୁ ସମର୍ଥନ ଜଣାଇଛି ଢେଙ୍କାନାଳ ଜିଲା ଶାଖା। ୬ଦଫା ଦାବି ପୂରଣ ନେଇ ଆସନ୍ତା ୧୦ ତାରିଖରୁ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଅନିର୍ଦ୍ଦିଷ୍ଟ କାଳ ଯାଏ ଆନ୍ଦୋଳନରେ ସାମିଲ ହେବେ। ଶୁକ୍ରବାର ଜିଲା ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ସ୍ୱାସ୍ଥ୍ୟ ପରିଚାଳନା କର୍ମଚାରୀ ପଦବୀ ସୃଷ୍ଟି କରିବା, ସମାନ କାମକୁ ସମାନ ଦରମା, ବୀମା ସୁବିଧା, ପ୍ରୋତ୍ସାହନ ରାଶି ପ୍ରଥା ଉଚ୍ଛେଦ, ଇପିଏଫ୍ ଯୋଜନା ଅନ୍ତର୍ଭୁକ୍ତ କରିବା ଏବଂ ୬ବର୍ଷ କାମ କରିଥିବା କର୍ମଚାରୀଙ୍କୁ ନିୟମିତ କରିବା ଆଦି ଦାବି ସମ୍ପର୍କରେ ସମ୍ପାଦକ ସନ୍ତୋଷ କୁମାର ମାନସିଂ ସବିଶେଷ ସୂଚନା ଦେଇଥିଲେ। ରାଜ୍ୟ ସମ୍ପାଦକ ରୂପକ କୁମାର ମହାପାତ୍ର, ସନ୍ତୋଷ ଓଝା, ଡା. ଚିନ୍ମୟୀ ସ୍ୱାଇଁ, ରାଜ୍ୟ ଏନ୍‌ଭିଡିସିପି ସଂଘ ସଭାପତି ଏମ୍.ଜେ. ମହିମା ପ୍ରମୁଖ ଉପସ୍ଥିତ ଥିଲେ। ଅଶ୍ୱିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ନିର୍ଭୁଲ ଭୋଟର ତାଲିକା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୭।୯**

ଢେଙ୍କାନାଳ କଲେଜ ଅଡିଟୋରିୟମରେ ଶୁକ୍ରବାର ନିର୍ଭୁଲ, ସ୍ୱଚ୍ଛ ଭୋଟର ତାଲିକା ସମ୍ପର୍କିତ ସଚେତନତା ବୈଠକ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ ଏବଂ ଏଥିରୁ ଯେପରି ଜଣେ କେହି ବି ଭୋଟର ବାଦ୍ ନ ପଡ଼ନ୍ତି ସେ ନେଇ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଯୁବ ଭୋଟରଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ହିନ୍ଦୋଳ ଉପଜିଲାପାଳ ଭବେଶ କୁମାର ନାୟକ ଭୋଟର ଲିଷ୍ଟରେ ନାମ ସଂଯୋଗୀକରଣ, ଅନ୍ତର୍ଭୁକ୍ତ ହେବା ପ୍ରଣାଳୀ, ତଥ୍ୟ ସମ୍ବଳିତ ଫର୍ମ ପୂରଣ ଆଦି ବିଷୟରେ ବୁଝାଇଥିଲେ। ଜଣେ ଚାହିଁଲେ ଅନ୍‌ଲାଇନ ମାଧ୍ୟମରେ ନିଜକୁ ଭୋଟର ତାଲିକାଭୁକ୍ତ କରିପାରିବେ। ଏଥିଲାଗି www.nvsp.in ୱେବସାଇଟ ବ୍ୟବହାର କରିପାରିବେ। କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଉଭୟ ଅନଲାଇନ, ଅଫ୍‌ଲାଇନରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପ୍ରକ୍ରିୟା, ନାମ ବାଦ୍ ଦେବା, ସଂଶୋଧନ କରିବା, ବାତିଲ କରାଇବା, ଇଭିଏମ୍‌ରେ ଭିଭିପାଟ୍ ମେଶିନ ବ୍ୟବହାର ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। କୁଇଜ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସହ ପୁରସ୍କୃତ କରାଯାଇଥିଲା। ତାଲିକାଭୁକ୍ତ ହୋଇଥିବା ଭୋଟର ଜାନୁୟାରୀ ୧ରେ ନୂତନ ଭୋଟର ପରିଚୟପତ୍ର ପାଇବାକୁ ହକଦାର ହେବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମରେ କଲେଜ ପକ୍ଷରୁ ପ୍ରଶାସନକୁ ସମସ୍ତ ସହଯୋଗ କରାଯିବ ବୋଲି କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବିଜେଡି, ଭାଜପା, କଂଗ୍ରେସ, ବହୁଜନ ସମାଜବାଦୀ ପାର୍ଟିର କର୍ମକର୍ତ୍ତାଙ୍କୁ ଭୋଟର ତାଲିକା ସିଡୀ ପ୍ରଦାନ କରାଯାଇଥିଲା। ଉପଜିଲାପାଳ ପୀତାମ୍ବର ସାମଲ ସ୍ୱଚ୍ଛ ନିର୍ବାଚନ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ସତ୍ୟ ନାରାୟଣ କର ଅତିଥି ପରିଚୟ ଏବଂ ସହକାରୀ ଜିଲାପାଳ (ନିର୍ବାଚନ) ଭଜନାନନ୍ଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ଅଧାପିକାଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ଭୋଟର ତାଲିକା ସଚେତନତା ବୈଠକ।

■ନୂତନ ଭୋଟର, ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବାକୁ ଆହ୍ୱାନ

■ଜାନୁୟାରୀ ୧ରେ ମିଳିବ ନୂତନ ଭୋଟର ପରିଚୟ ପତ୍ର

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ଶନିବାର, ସେପ୍ଟେମ୍ବର ୮ /୨୦୧୮ Dhenkanal-Angul, Saturday, September 8 / 2018

## ସଂକ୍ଷେପରେ

### ପ୍ରଜାମଣ୍ଡଳ ଦିବସର ତାତ୍ପର୍ଯ୍ୟ ଉପଲବ୍ଧି କର

ତାଳଚେର, ୭।୯(ନି.ପ୍ର.)- ତାଳଚେର ପ୍ରଜାମଣ୍ଡଳ ସ୍ମୃତି କମିଟି ପକ୍ଷରୁ ଗୁରୁବାର ପ୍ରଜାମଣ୍ଡଳ ଦିବସ ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ ପରିସରରେ ପାଳିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସହ ଗଡ଼ଜାତ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ମୃତି କମିଟି ଅଧକ୍ଷ ଜିତେନ୍ଦ୍ର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସମବାୟ ନେତା ତଥା ଯୁବ ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ତାଳଚେରର ଯୁବ ସମାଜ ତଥା ବୁଦ୍ଧିଜୀବୀମାନେ ଏହି ଦିନର ତାତ୍ପର୍ଯ୍ୟକୁ ଉପଲବ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ଉତ୍ତର ସେନ୍, ସାହିତ୍ୟିକା ଅନୁପମା ପ୍ରଧାନ, ମମିତା ରାଉତ, ସସ୍ମିତା ମିଶ୍ର, କ୍ଷୀରୋଦ ସାହୁ, ବାପି ମହାନ୍ତି, ବେଣୁଧର ଦାସ, ଅଜିତ୍ ବେହେରା, ପ୍ରକାଶ ସାହୁ, ପ୍ରିୟ ମାଧବ ଦାସ, ପ୍ରକାଶ ଦାସ ପ୍ରମୁଖ ଯୋଗଦେଇ ପ୍ରଜାମଣ୍ଡଳ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଜରଙ୍ଗ ସେବା ସମିତି (ସମଲ), ମହିଳା ସଶକ୍ତୀକରଣ ପାଇଁ ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ, ମା' ମଙ୍ଗଳା ମହିଳା ସମିତି, ସାମାଜିକ କର୍ମୀ ଉତ୍ତର ସେନ୍, କଣ୍ଠଶିଳ୍ପୀ ଭାଗୀରଥି ମହାପାତ୍ର, ବରିଷ୍ଠ ଆଇନଜୀବୀ ଜମ୍ୱେଶ୍ୱର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ୨ ମହିଳା ଅଭିଯୁକ୍ତ ଗିରଫ

କଣିହାଁ,୭।୯(ଡି.ଏନ.ଏ.) କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ଶୁକ୍ରବାର ୨ ଜଣ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତଦନ୍ତକାରୀ ଅଧିକାରୀ ଦିଲୀପ ଗଡ଼ନାୟକଙ୍କ ସୂଚନାରୁ ପ୍ରକାଶ,୨୦୧୪ରୁ ବାରଡ଼ାଙ୍ଗୁଆ ଗ୍ରାମରେ ୨ ଭାଇଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଲାଗିରହିଥିଲା। ଏ ନେଇ ବିଭିନ୍ନ ସମୟରେ ଏକାଧିକ ମାମଲା ରୁଜୁ ହୋଇଛି। କୋର୍ଟଙ୍କ ଗିରଫ ପରୱାନାକୁ ନେଇ ଖୁଲଣା ସାହୁ ଓ ସଂଯୁକ୍ତା ସାହୁଙ୍କୁ ଗିରଫ କରାଯାଇ ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି।

# ୨୪ରୁ ଜାତୀୟ ପଲ୍ଲିଶ୍ରୀ ମେଳା

ଢେଙ୍କାନାଳ ଅଫିସ, ୭।୯

ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା ଅବସରରେ ଆସନ୍ତା ଅକ୍ଟୋବର ୨୪ରୁ ୩୧ ତାରିଖ ଯାଏ ଅନୁଷ୍ଠିତ ହେବ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଲୋକକଳା ମହୋତ୍ସବ। ଏ ନେଇ ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଅଧକ୍ଷତା କରିଥିଲେ। ଓର୍‌ମାସ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ମହିଷାପାଟ ବାଇପାସ୍ ନିକଟ ପଡିଆରେ ମେଳା ଆୟୋଜିତ ହେବ। ଏଥିରେ ୨୫୦ ଷ୍ଟଲ ପଡ଼ିବ। ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ, କୁଟୀରଶିଳ୍ପ, ହସ୍ତତନ୍ତ, ଘରୋଇ ସାମଗ୍ରୀ ଓ ସୌଖିନ ଦ୍ରବ୍ୟ ବିକ୍ରି ବଟା କରାଯିବା। ତା'ସାଙ୍ଗକୁ ଖାଦ୍ୟ ମେଳା ପ୍ରଦର୍ଶିତ ହେବ। ଏଥିସହ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗର ଷ୍ଟଲ ଖୋଲିବ। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ଦିଆଯାଇଛି।


ପଲ୍ଲିଶ୍ରୀ ମେଳା ଓ ଲୋକକଳା ମହୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ପଲ୍ଲିଶ୍ରୀ ମେଳା ପାଇଁ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଥିବା ଓରମାସ୍ ସହକାରୀ ନିର୍ଦ୍ଦେଶକ ସଞ୍ଜୀବ କୁମାର ମହାନ୍ତି ସୂଚନା ଦେଇଛନ୍ତି। ମେଳା ପରିସରରେ ଅକ୍ଟୋବର ୨୫, ୨୬ ଓ୨୭ ତାରିଖରେ ଲୋକକଳା ମହୋତ୍ସବ ଅନୁଷ୍ଠିତ ହେବ। ଜିଲା ସଂସ୍କୃତି ପରିଷଦ ସହଯୋଗରେ ପ୍ରତିସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମେଳାକୁ ଆସୁଥିବା ମହିଳାଙ୍କ ରହଣି, ଯାନବାହନ ପାର୍କିଂ, ପରିଷ୍କାର ପରିଚ୍ଛନ୍ନତା, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ, ଶୌଚାଳୟ, ଟ୍ରାଫିକ ନିୟନ୍ତ୍ରଣ, ପ୍ରଚାର ପ୍ରସାର, ଗେଟ୍ ନିର୍ମାଣ ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

- ୨୫ଲକ୍ଷ ବ୍ୟୟବରାଦ
- ଖୋଲିବ ୨୫୦ ଷ୍ଟଲ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

## ସ୍ୱାସ୍ଥ୍ୟର କବଚ ପୁଷ୍ଟିକର ଖାଦ୍ୟ

କାମାକ୍ଷାନଗର, ୭।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଶୁକ୍ରବାର ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମା' ଏବଂ ନବଜାତ ଶିଶୁର ସ୍ୱାସ୍ଥ୍ୟରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱାସ୍ଥ୍ୟ ହିଁ ସମ୍ପଦ। ପୁଷ୍ଟିକର ଖାଦ୍ୟ ସ୍ୱାସ୍ଥ୍ୟର ସୁରକ୍ଷା କବଚ ବୋଲି ସିଡିପିଓ କ୍ରିଷ୍ଣା ପାଣିଗ୍ରାହୀ କହିଥିଲେ।

ଏହି ଅବସରରେ ଆୟୋଜିତ ମେଳାରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ, କିଶୋରୀ ବାଳିକା ଏବଂ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁ ଉପସ୍ଥିତ ଥିଲେ। ଉପସ୍ଥିତ କର୍ମୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ନନ୍ଦକିଶୋର ମଲ୍ଲିକ ପୁଷ୍ଟିକର ଖାଦ୍ୟ ଓ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପୁଷ୍ଟିସାଧନ କେନ୍ଦ୍ର ପରାମର୍ଶଦାତା ମଉନାବତୀ ରାଉତ, ସୁପରଭାଇଜର ଜୟନ୍ତୀ ମିଶ୍ର, କଲ୍ୟାଣୀ ସାମଲ, ସୁମିତ୍ରା ସାହୁ, ମଧୁସ୍ମିତା ପାତ୍ର, ଦୀପ୍ତିଲତା ନାୟକ, ସୁଷମା ସେଠୀ, ତପସ୍ୱିନୀ କାଲୋଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକ ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କାମାକ୍ଷାନଗର, ୭।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜୁ କଲ୍ୟାଣମଣ୍ଡପରେ ଶୁକ୍ରବାର ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଇଓ ଅଜୟ କୁମାର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମୁରବୀ ନ ଥିଲେ ଘର ଅସଜଡ଼ା ହୋଇଯାଏ। ଠିକ୍ ସେହିପରି ପ୍ରଧାନ ଶିକ୍ଷକ ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ। ପ୍ରଧାନ ଶିକ୍ଷକ ସଜାଗ ରହିଲେ ଶିକ୍ଷାୟତନରେ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଇଓ ଶିକ୍ଷା ଅଧିକାର ଆଇନ, ମଧ୍ୟାହ୍ନ ଭୋଜନ ପରିଚାଳନା, ଶିକ୍ଷା ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷକଙ୍କୁ ପ୍ରଶାସନ, ଶିକ୍ଷାବିଭାଗ ଏବଂ ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ିହେବାକୁ ଆହ୍ୱାନ ଦେଇଥିଲେ।

କର୍ମଶାଳାରେ ବିଭିନ୍ନ ସ୍କୁଲର ୧୮୦ଜଣ ପ୍ରଧାନଶିକ୍ଷକ ଏବଂ ଶିକ୍ଷୟିତ୍ରୀ, ସିଆର୍‌ସିସି, ଶିକ୍ଷା କର୍ମଚାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏବିଇଓ ଜଳଧର ଲେଙ୍କା, କୃଷ୍ଣଚନ୍ଦ୍ର ଭୋଇ, ଗଜେନ୍ଦ୍ର ରାଉତ ପ୍ରମୁଖ ଶିକ୍ଷକଙ୍କ ମାର୍ଗଦର୍ଶନ କରାଇଥିଲେ।

## ଉପଖଣ୍ଡସ୍ତରୀୟ ଉନ୍ନୟନ କମିଟି ବୈଠକ

ଆଠମଲ୍ଲିକ, ୭।୯(ଡି.ଏନ୍.ଏ.)

ଆଠମଲ୍ଲିକ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଗୁରୁବାର ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ଅଧକ୍ଷତାରେ ଉପଖଣ୍ଡସ୍ତରୀୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡସ୍ତରରେ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ପରେ ଉପଖଣ୍ଡସ୍ତରର କୃଷି, ଉଠା ଜଳସେଚନ, କେନ୍ଦୁପତ୍ର ବିଭାଗ, ଆଞ୍ଚଳିକ ବନବିଭାଗ, ଗ୍ରାମ୍ୟ ଜଳ ଯୋଗାଣ, ସହରାଞ୍ଚଳ ଜଳ ଯୋଗାଣ, ରାସ୍ତା ଓ ଗୃହ, ଗ୍ରାମ୍ୟ ଉନ୍ନୟନ, ଶିଶୁ ବିକାଶ ବିଭାଗ, ସାଧାରଣ ବଣ୍ଟନ ଆଦି ବିଭାଗରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମୀକ୍ଷା କରିଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦରେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୭୫୦ ଗୃହ ଆବଣ୍ଟନ ହୋଇଥିବାବେଳେ ୩୬୪ଗୃହର ସମ୍ପୂର୍ଣ୍ଣୀକରଣ ହୋଇଥିବା ସୂଚନା ଦିଆଯାଇଥିଲା। ସହରାଞ୍ଚଳ ଜଳ ଯୋଗାଣରେ ୧୧ଟି ୱାର୍ଡ଼କୁ ପାନୀୟ ଜଳ ଯୋଗାଣ ସହ ବ୍ଲକର ୩୩ ଗୋଟି ସ୍ଥାନରେ ପାଇପ ଯୋଗେ ଜଳ ଯୋଗାଣ କାର୍ଯ୍ୟକାରୀ ହୋଇଥିବା ନେଇ ଆଲୋଚନା ହୋଇଥିଲା। ବୈଠକରେ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ସହକାରୀ ଜିଲାପାଳ ନାରାୟଣ ଚନ୍ଦ୍ର ମହାପାତ୍ର, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ଶରତ ଚନ୍ଦ୍ର ମହାରଣା, ଏନ୍‌ଏସି ନିର୍ବାହୀ ଅଧିକାରୀ ବିଜୟ କୁମାର ତ୍ରିପାଠୀ, ରାସ୍ତା ଗୃହ ଉପନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ପାତ୍ର, ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ନରେନ୍ଦ୍ର ଜେନାମଣି, ଆଠମଲ୍ଲିକ ସିଡିପିଓ ସତ୍ୟଭାମା ସେଠୀ, କିଶୋରନଗର ସିଡିପିଓ ସୁବାସିନୀ ମହାଲିକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




## କଲେଜ ଜାଗାରେ ବେଆଇନ ଗୃହ ନିର୍ମାଣ

# ପରିଚାଳନା କମିଟି ଜିଲାପାଳଙ୍କ ଦ୍ୱାରସ୍ଥ


କଲେଜ ଜାଗାରେ ବେଆଇନ ଗୃହ ନିର୍ମାଣକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ପରିଚାଳନା କମିଟି ସଭ୍ୟ ଏବଂ ଗ୍ରାମବାସୀ।

ଓଡ଼ାପଡ଼ା, ୭।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇସ୍ଥିତ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଜମିରେ କେତେଜଣ ବ୍ୟକ୍ତି ବେଆଇନ ଭାବେ ଘର ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ କଲେଜ ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ୩୦ବର୍ଷ ପୁରୁଣା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଜମିରେ ଶ୍ରେଣୀ ଗୃହ, ଅଫିସ ଗୃହ ଏବଂ ଖେଳ ପଡ଼ିଆ ରହିଛି। ଏଥିସହ ଚାରାରୋପଣ କରାଯାଇଛି। ସରକାରୀ ଜମି ହୋଇଥିବାରୁ ତହସିଲଦାରଙ୍କ ପକ୍ଷରୁ ଏନ୍‌କ୍ରୋଜମେଣ୍ଟ କେସ୍ କରାଯାଇ ଖଜଣା ପୈଠ ବାବଦ ରସିଦ ପ୍ରଦାନ କରାଯାଇଛି। ଉକ୍ତ ସରକାରୀ ଜମିରେ କଲେଜ ପକ୍ଷରୁ ନିର୍ମାଣକୁ ନେଇ ଗ୍ରାମବାସୀଙ୍କ କୌଣସି ଆପତ୍ତି ଅଭିଯୋଗ ନାହିଁ। ଏଥିରେ ସେମାନେ ସହମତ ଥିବା କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଆକାରରେ ଜଣାଇଛନ୍ତି। ହେଲେ ଅନୁଷ୍ଠାନ ଦଖଲରେ ଥିବା ଜାଗାରେ ସୁରକ୍ଷା ବାଡ଼ ନ ଥିବାରୁ ସୁଯୋଗରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜୋରଜବରଦସ୍ତ ଘର ତିଆରି କରୁଛନ୍ତି। ଉକ୍ତ ବେଆଇନ ଗୃହକୁ ତୁରନ୍ତ ଉଚ୍ଛେଦ କରାଯାଇ ଜବରଦଖଲକାରୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ନେଇ ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ କୁହନ୍ତି, ଏ ସମ୍ପର୍କିତ ଅଭିଯୋଗ ପାଇଛୁ। ଆର୍‌ଆଇଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆଲୋଚନାକୁ ଆସିଲାନି ପ୍ରଶାସନ

# ଥାନା ଘେରାଉ କଲେ କ୍ରୋମାଇଟ ଖଣି କ୍ଷତିଗ୍ରସ୍ତ

ଭୁବନ, ୭।୯(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ଥାନା ଭୁଷଳ ପଞ୍ଚାୟତ ଅନ୍ତର୍ଗତ କ୍ରୋମାଇଟ ଖଣି ପ୍ରଭାବିତ ସାଇରାମପୁର ଗ୍ରାମବାସୀ ଶୁକ୍ରବାର ଥାନା ଘେରାଉ କରିଛନ୍ତି। ଆଲୋଚନାକୁ ନ ଆସି ପ୍ରଶାସନ ଦିନ ଗଡ଼ାଇ ଚାଲିଥିବାବେଳେ ଅଞ୍ଚଳବାସୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଥାନା ଘେରାଉ କରିଥିଲେ।

ରିୟଲ ଇଣ୍ଡିଆ କମ୍ପାନୀ ଗ୍ରାମ ନିକଟରେ ଥିବା କ୍ରୋମାଇଟ ଖଣି ଲିଜ୍‌ରେ ନେଇଛି। ଉକ୍ତ ଅଞ୍ଚଳଦେଇ ଯାତାୟାତ କରୁଥିବା ଶତାଧିକ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଶୋଚନୀୟ ହୋଇପଡିଛି। ଟ୍ରକ୍ ଡ୍ରାଇଭର, ହେଲ୍‌ପର ଏବଂ ଖଣି ସହ ସମ୍ପୃକ୍ତ ଅସାମାଜିକ ଲୋକେ ଗ୍ରାମବାସୀଙ୍କ ନିଜ ହଜାଇ ଦେଇଛନ୍ତି। ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ଏବଂ ଶାନ୍ତି ଫେରାଇ ଆଣିବା ଦାବିରେ ଅଗଷ୍ଟ ୨୪ରେ କ୍ଷତିଗ୍ରସ୍ତମାନେ ଆନ୍ଦୋଳନ କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା। ଏଥିସହ ୭ଦିନ ମଧ୍ୟରେ ତ୍ରିପାକ୍ଷିକ ବୈଠକ ମାଧ୍ୟମରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନାକୁ ଆସି ନ ଥିଲେ। ଫଳରେ ଉତ୍ତ୍ୟକ୍ତ ଲୋକେ ଥାନା ଘେରାଉ କରିଥିଲେ। ଆସନ୍ତା ୧୩ ତାରିଖରେ ବୈଠକ କରାଯାଇ ସମସ୍ୟା ସମାଧାନର ବାଟ ବାହାର କରାଯିବ ବୋଲି କୁହାଯିବା ପରେ ଆନ୍ଦୋଳନକାରୀ ଶାନ୍ତ ପଡ଼ିଥିଲେ।

ଏ ସଂକ୍ରାନ୍ତରେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା କୁହନ୍ତି, ତହସିଲଦାର ଅନୁପସ୍ଥିତ ଥିବାରୁ ଆଲୋଚନା ତାରିଖରେ ପରିବର୍ତ୍ତନ କରାଯାଇଛି। ନିର୍ଦ୍ଧାରିତ ଦିନରେ କ୍ଷତିଗ୍ରସ୍ତ, ପ୍ରଶାସନିକ ଅଧିକାରୀ ଏବଂ ଖଣି ମାଲିକଙ୍କ ମିଳିତ ବୈଠକ କରାଯିବ।



ANGUL: Beside Hotel Prasanthi, NH-55, Turang. Ph: 06764 - 605077 / 7853925775 / 9937068960
SAMBALPUR: Plot No. 2572 (G+1st Floor), Golebazar, Near Pirbaba Chowk & Bhubaneshwari Temple. Ph: 0663-2532121 / 9337004051 / 9861584713 | BHUBHANESHWAR: 1st Floor, SCR Plot No. 26, Bapuji Nagar, Janapath. Ph: 0674-2597190 / 9337038666 / 9437167283



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ